# <u>ପ୍ରେସ୍ ବିବୃତ୍ତି</u>

**୨୦.୦୮.୨୦୨୦**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଗଷ୍ଟ ୧୯ ଓ ୨୦ ତାରିଖ ମଧ୍ୟରେ ମଧ୍ୟମରୁ ପ୍ରବଳ ବୃଷ୍ଟିପାତ ହୋଇଅଛି। ଏହି ସଂପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ କ୍ଷେତ୍ର ସ୍ତରରେ ପ୍ରବଳ ବୃଷ୍ଟିପାତ ଏବଂ ତତ୍‌ଜନିତ ପରିସ୍ଥିତିର ସମୀକ୍ଷା କରିଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପ୍ରାୟ ହାରାହାରି ୫୮.୫ ମି.ମି. ବୃଷ୍ଟିପାତ ହୋଇଅଛି। ୫ ଗୋଟି ଜିଲ୍ଲା ଯଥା ନବରଙ୍ଗପୁର, କଟକ, ଯାଜପୁର, କୋରାପୁଟ ଓ କେନ୍ଦ୍ରାପଡା ଜିଲ୍ଲାରେ ହାରାହାରି ବୃଷ୍ଟିପାତ ୧୦୦ ମି.ମି. ରୁ ଅଧିକ ହୋଇଥିବା ସ୍ଥଳେ ଆଉ ୧୦ଗୋଟି ଜିଲ୍ଲାରେ ୫୦ ମି.ମି. ରୁ ଅଧିକ ବର୍ଷା ରେକର୍ଡ କରାଯାଇଅଛି।

ସମୀକ୍ଷାରୁ ଜଣାପଡେ ଯେ, କଟକ ଜିଲ୍ଲାର ସାଲେପୁର ବ୍ଲକରେ ୨୦ ତାରିଖରେ ସର୍ବାଧିକ ୩୦୦ ମି.ମି. ବୃଷ୍ଟିପାତ ହୋଇଥିବାର ରେକର୍ଡ କରାଯାଇଛି। ସେହିପରି କଟକ ଜିଲ୍ଲାର ନିଶ୍ଚିତକୋଇଲି ବ୍ଲକରେ ୨୯୭.୫ ମି.ମି., କଳାହାଣ୍ଡି ଜିଲ୍ଲାର ଧୁଆମୂଳ ରାମପୁର ବ୍ଲକରେ ୨୨୯.୪ ମି.ମି., ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକରେ ୨୮୦ ମି.ମି. ଓ ନବରଙ୍ଗପୁର ବ୍ଲକରେ ୨୪୩ ମି.ମି. ବୃଷ୍ଟିପାତ ହୋଇଅଛି। ୪୭ ଗୋଟି ବ୍ଲକରେ ୧୦୦ ରୁ ୨୦୦ମି.ମି. ମଧ୍ୟରେ ଏବଂ ଆଉ ୮୫ ଗୋଟି ବ୍ଲକରେ ୫୦ ରୁ ୧୦୦ ମି.ମି. ମଧ୍ୟରେ ବର୍ଷା ରେକର୍ଡ ହୋଇଅଛି।

ପ୍ରବଳ ବୃଷ୍ଟିପାତ ଫଳରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଅଛି। ତେବେ ସେଭଳି ବନ୍ୟା ପରିସ୍ଥିତିର ସମ୍ଭାବନା ନାହିଁ। ବାଲେଶ୍ୱର ଜିଲ୍ଲାରେ ଥିବା ଜଳକା ନଦୀ ବସ୍ତା ବ୍ଲକର ମଥାନି

ଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଥିଲେ ମଧ୍ୟ ଏହା ଦ୍ୱାରା କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ।

କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ମ୍ୟୁନିସପାଲଟି ଅଞ୍ଚଳରେ ୪ ଗୋଟି ୱାର୍ଡ ତଥା- ୱାର୍ଡ ନଂ ୬, ୧୨, ୧୩ ଏବଂ ୨୧ ର ତଳିଆ ଅଞ୍ଚଳରେ ବର୍ଷା ଜଳ ଜମି ରହିଅଛି। ଏହି ସବୁ ଅଞ୍ଚଳରୁ ପାଣି ପମ୍ପ ସାହାଯ୍ୟରେ ବର୍ଷାଜଳ ନିଷ୍କାସନ କରାଯାଉଅଛି। ସେହିପରି ଆଳି ବ୍ଲକର ମାନପୁର-ଗୋବିନ୍ଦପୁର ଗ୍ରାମ୍ୟ ରାସ୍ତା କେତେକ ସ୍ଥାନରେ ବର୍ଷା ଜଳ ଦ୍ୱାରା ବୁଡି ରହିଅଛି। ସିଂହା ଗ୍ରାମପଞ୍ଚାୟତର ବାରୋଳିଆ ଗ୍ରାମ ଓ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମର ପଞ୍ଚାୟତ ରାସ୍ତା ବର୍ଷା ପାଣିରେ ବୁଡି ରହିଅଛି। ମାତ୍ର ଯୋଗାଯୋଗ ବିଚ୍ଛିନ୍ନ ହୋଇନାହିଁ। ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲାରେ ବର୍ଷା ହେଉନାହିଁ। ଜୀବନଯାତ୍ରା ସ୍ୱାଭାବିକ ରହିଛି।

ମାଲକାନଗିରି ଜିଲ୍ଲାରେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟମ ଧରଣର ବୃଷ୍ଟିପାତ ଫଳରେ କାଲିମେଳା ବ୍ଲକର କଙ୍ଗାରୁକୋଣ୍ଡା ଓ କନ୍ୟାଶ୍ରମ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଅଛି। ମାଥିଲି ବ୍ଲକରେ ପଙ୍ଗାମ୍ ନଦୀର ଜଳସ୍ତର ପୋଲର ନିକଟବର୍ତ୍ତୀ ହୋଇଅଛି। ମୋଟୁ ବ୍ଲକର ମୋଗି ପଏଣ୍ଟ ସ୍ଥାନରେ ନଦୀର ଜଳସ୍ତର ଖସୁଅଛି ମାତ୍ର ସେଠାରେ ବର୍ଷା ଲାଗିରହିଅଛି। ଏହି ଜିଲ୍ଲାର ଅନେକ ଅଞ୍ଚଳର ଚାଷଜମି ବର୍ଷାଜଳ ଦ୍ୱାରା ଜଳମଗ୍ନ ହୋଇଅଛି।

ମୟୁରଭଞ୍ଜ ଜିଲ୍ଲାରେ ବୃଷ୍ଟିପାତ ଫଳରେ ଦୁଇଟି ଅଦିନିଆ ରାସ୍ତା ବର୍ଷାଜଳ ଦ୍ୱାରା ବିଚ୍ଛିନ୍ନ ହୋଇଅଛି। ବିଜତୋଳା ବ୍ଲକରେ କେତେକ ଘର କ୍ଷତିଗ୍ରସ୍ତ ହୋଇଅଛି। କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ବଣ୍ଟନ କରାଯାଇଅଛି। ଗତକାଲି ସନ୍ଧ୍ୟାରେ ଜମ୍ବିରା ନଦୀର ଗୋଲମୁହାଁ ଘାଟରେ ନଦୀପାରି ହେବା ସମୟରେ ଗଣ୍ଡଗୁହାଳି ଗ୍ରାମର ଦୁଇ ଜଣ ବ୍ୟକ୍ତି ଯଥା ବୁଦ୍ଧେଶ୍ୱର ମାଝି ଓ ମଙ୍ଗଳ ମାରାଣ୍ଡି ନିଖୋଜ ଥିଲେ। ବୁଦ୍ଧେଶ୍ୱର ମାଝିର ମୃତ ଶରୀର ଉଦ୍ଧାର କରାଯାଇଛି ଏବଂ ଅନ୍ୟ ବ୍ୟକ୍ତିଙ୍କର ସନ୍ଧାନ କାର୍ଯ୍ୟ ଚାଲୁ ରହିଅଛି।

କଳାହାଣ୍ଡି ଜିଲ୍ଲାରେ ହାତୀ ନଦୀର ଜଳସ୍ତର ବିରିପୁର ଓ ମାଟିଖାଲ ଠାରେ ବୃଦ୍ଧି ପାଇଅଛି। ତହସିଲଦାର ଓ ବିଡିଓ ସେହି ସ୍ଥାନରେ ରହି ପରିସ୍ଥିତି ପ୍ରତି ତୀକ୍ଷଣ ଦୃଷ୍ଟି ରଖିଛନ୍ତି। ଏହି ଜିଲ୍ଲାର ଧର୍ମଗଡ ବ୍ଲକର ବଡବାସୁଳ ଠାରେ ହାଲେର ଯୋର ୩ ଫୁଟ ଉପରେ ବର୍ଷାଜଳ ପ୍ରବାହିତ ହେଉଅଛି।

ଫଳରେ ଜୁନାଗଡ ଓ ଧର୍ମଗଡ ଜାତୀୟ ରାଜପଥରେ ଯୋଗଯୋଗ ବିଚ୍ଛିନ୍ନ ହୋଇଅଛି। ସେଠାରେ ପୋଲିସ୍ କର୍ମଚାରୀ ମୁତୟନ ଅଛନ୍ତି।

ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ଫଳରେ ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀର ଜଳସ୍ତର ବୃଦ୍ଧି ପାଉଅଛି ମାତ୍ର କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ।

କନ୍ଧମାଳ ଜିଲ୍ଲାରେ ବୃଷ୍ଟିପାତ ଫଳରେ ୩ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଅଛି। ସ୍ଥାନୀୟ ପ୍ରଶାସନ ଦ୍ୱାରା ଆକଳନ କାର୍ଯ୍ୟ ଚାଲୁ ରହିଅଛି।

କୋରାପୁଟ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ଫଳରେ କୁନ୍ଦ୍ରା ବ୍ଲକର ଘେରିଗୁଡା ଠାରେ ଗତକାଲି ରାତିରେ ରାସ୍ତା ବିଚ୍ଛିନ୍ନ ହୋଇଥିଲା। ମାତ୍ର ଆଜି ସକାଳୁ ଜଳସ୍ତର କମିବା ଫଳରେ ଗମନାଗମନ ସ୍ୱାଭାବିକ ହୋଇଅଛି।

ବୌଦ୍ଧ ଜିଲ୍ଲାର ବୌଦ୍ଧ ବିଜ୍ଞପିତ ଅଞ୍ଚଳରେ ମହାନଦୀ ମଧ୍ୟରେ ଥିବା ଏକ ଗ୍ରାମ ବର୍ଷାପାଣି ଆସିବା ଦ୍ୱାରା ଗମନାଗମନ ବିଚ୍ଛିନ୍ନ ହୋଇଅଛି। ସେଠାରେ ଜନସାଧାରଣଙ୍କ ଯାତାୟତ ସୁବିଧା ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଯନ୍ତ୍ରଚାଳିତ ଡଙ୍ଗାର ବ୍ୟବସ୍ଥା କରାଯାଇଅଛି।

ଖୋର୍ଦ୍ଧା ଜିଲ୍ଲାରେ ରାଜୁଆ ଓ ଦୟାନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ଜଟଣୀ ବ୍ଲକର କିଛି ଚାଷଜମି ଓ ରାସ୍ତା ଜଳମଗ୍ନ ହୋଇଅଛି।

ରାଜ୍ୟରେ ବର୍ତ୍ତମାନ କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ।

***